## ସଂକ୍ଷେପରେ

### ମଦ ଜବତ, ମହିଳା ଗିରଫ

ତିହିଡ଼ି,୨୩।୫ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତର ଜୟୀପୁର ଗ୍ରାମରେ ତିହିଡ଼ି ପୋଲିସ ବୁଧବାର ରାତିରେ ଚଢ଼ାଉ କରି ବିଦେଶୀ ମଦ ଓ ବିଅର ଜବତ କରିଛି। ପୋଲିସ ଏନେଇ ଏକ ମାମଲା(ନଂ.୨୪୦/୨୪) ରୁଜୁ କରି ମଦ ବିକ୍ରିରେ ସମ୍ପୃକ୍ତ ମହିଳା ହରପ୍ରିୟା ବେହେରାଙ୍କୁ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ଜୟୀପୁର ଗ୍ରାମରେ ମଦ ଚୋରା କାରବାର ଚାଲିଥିବା ଖବର ପାଇ ଏସ୍ଆଇ ଅରୁନ୍ଧତୀ ବେହେରା, ଏଏସ୍ଆଇ ଦିଲୀପ ଦେହୁରୀ, କମଳାକାନ୍ତ ଶତପଥୀ ପ୍ରମୁଖ ଚଢ଼ାଉ କରିଥିଲେ। ହରପ୍ରିୟାଙ୍କ ଘର ପଛ ପାର୍ଶ୍ୱରୁ ବିଦେଶୀ ମଦ ଓ ବିଅର ଜବତ କରାଯାଇଥିଲା।

### ସ୍ୱାମୀଙ୍କ ଗଳା କାଟି ସ୍ତ୍ରୀ ଗିରଫ

ତିହିଡ଼ି,୨୩।୫(ସଞ୍ଜିତ ବଳ)

ଚରିତ୍ରକୁ ସନ୍ଦେହ କରିବାରୁ ସ୍ୱାମୀଙ୍କ ଗଳା କାଟିଲେ ସ୍ତ୍ରୀ। ଏଭଳି ଅଭାବନୀୟ ଘଟଣା ଘଟିଛି ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତର ଅଣ୍ଡରାଇ ଗ୍ରାମରେ। ଗୁରୁତର ସ୍ୱାମୀ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ତ୍ରୀ ସଂଯୁକ୍ତା ଜେନାଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ସ୍ୱାମୀ ଗୋଲେଖ ଜେନା ସଂଯୁକ୍ତାଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ। ଏଥିପାଇଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳହ ହେଉଥିଲା। ଗତ ୨୦ ତାରିଖ ସକାଳେ ଗୋଲେଖ ଶୋଇଥିବା ବେଳେ ସଂଯୁକ୍ତା ଏକ ଧାରୁଆ ଛୁରୀରେ ତାଙ୍କ ଗଳାକୁ କାଟି ଦେଇଥିଲେ। ଏହି ଘଟଣା ଦେଖି ତାଙ୍କ ପୁଅ ଚିତ୍କାର କରି କାନ୍ଦିବାରୁ ପଡ଼ୋଶୀମାନେ ଆସି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ଗୋଲେଖଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏନେଇ ଗୋଲେଖ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୩୭/୨୪) ରୁଜୁ କରିଛି।

# ହାତରୁ ଖସିଗଲା ନର୍ସିଂ ସ୍କୁଲ

ଭଦ୍ରକ,୨୩।୫ (ସନାତନ ରାଉତ)

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଜିଲାବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ଭଦ୍ରକଠାରୁ ଆରମ୍ଭ କରି ଭୁବନେଶ୍ୱର ଯାଏ ବିଭିନ୍ନ ସଙ୍ଗଠନ, କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ମଧ୍ୟ କରାଯାଇଛି। ଏହି ଦାବି ଜୋର୍ ଧରିଥିବା ବେଳେ ଅନ୍ୟପଟେ ମଞ୍ଜୁର ହୋଇଥିବା ସରକାରୀ ନର୍ସିଂ ସ୍କୁଲ ହାତରୁ ଖସିଗଲା। ପ୍ରାୟ ୧୦ ବର୍ଷ ତଳେ ମଞ୍ଜୁର ହୋଇଥିବା ନର୍ସିଂ ସ୍କୁଲ କୁଆଡ଼େ ଗଲା ଅବା କେଉଁଠି ପ୍ରତିଷ୍ଠା ହେଲା, ସେନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲାର ଲୋକପ୍ରତିନିଧିଙ୍କ ପାଖରେ କୌଣସି ସୂଚନା ନାହିଁ।

୨୦୧୩-୧୪ ଆର୍ଥିକ ବର୍ଷରେ ଭଦ୍ରକ ଜିଲାକୁ ଏକ ନର୍ସିଂ ସ୍କୁଲ ମଞ୍ଜୁର ହୋଇଥିଲା। ଜାଗା ଚିହ୍ନଟ କରି କାଗଜପତ୍ର ସରକାରଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଥିଲା। କିନ୍ତୁ ଲୋକପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବରୁ ଜାଗା ନିରୂପଣରେ ବିଳମ୍ବ ହେବାରୁ ମଞ୍ଜୁର ହୋଇଥିବା ନର୍ସିଂ ସ୍କୁଲ ଅନ୍ୟତ୍ର ଚାଲିଯାଇଥିବା କୁହାଯାଉଛି। ଜିଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଆନ୍ଦୋଳନ ଚଲାଇଥିବା ବେଳେ ନର୍ସିଂ ସ୍କୁଲ ପ୍ରତିଷ୍ଠା ପ୍ରସଙ୍ଗ ହଜିଗଲା ବୋଲି ଚର୍ଚ୍ଚା ହେଉଛି। ଚଳିତ ବର୍ଷ ସରକାର ୩ଶହ ଶଯ୍ୟା ବିଶିଷ୍ଟ ଜିଲା ହସ୍ପିଟାଲ ଘୋଷଣା କରିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ନର୍ସିଂ ସ୍କୁଲ ପ୍ରତିଷ୍ଠା କଥା ପୁଣିଥରେ ମନେ ପଡ଼ିଲା। ତେବେ ସରକାରୀ ଭାବେ ଏନେଇ କୌଣସି ପ୍ରସ୍ତାବ ନ ଥିବାରୁ ଏହା କେବଳ ପ୍ରସଙ୍ଗରେ ରହିଯାଇଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ ପାତ୍ର କହିଛନ୍ତି, ନୂତନ ଜିଲା ହସ୍ପିଟାଲ ପରିସରରେ ୬୦ ହଜାର ବର୍ଗ ଫୁଟ୍ ପରିମିତ ସ୍ଥାନରେ ଏକ ସରକାରୀ ନର୍ସିଂ ସ୍କୁଲ ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ଜିଲା ହସ୍ପିଟାଲ କ୍ୟାମ୍ପସରେ ୩୦ ହଜାର ବର୍ଗଫୁଟ୍ ସ୍ଥାନରେ ହଷ୍ଟେଲ ଲାଗି ଜାଗା ଚିହ୍ନଟ କରି ସରକାରୀ ଅନୁମୋଦନ ଓ ଆର୍ଥିକ ମଞ୍ଜୁରୀ ପାଇଁ ପ୍ରସ୍ତାବ ଦିଆଯାଇଛି। ତେବେ ପ୍ରସ୍ତାବ ଗୃହୀତ ହୋଇ କେବେ ଆର୍ଥିକ ଅନୁମୋଦନ ମିଳିବ ସେ ବିଷୟରେ କୌଣସି ନିଶ୍ଚିତତା ନ ଥିବାବେଳେ ତାହା ସମୟ କହିବ। ତେବେ ଜିଲାକୁ ଆସିଥିବା ସରକାରୀ ନର୍ସିଂ ସ୍କୁଲ କେଉଁଆଡ଼େ ଉଭାନ ହୋଇଗଲା, ସେ ବିଷୟରେ ଜିଲାର ଲୋକପ୍ରତିନିଧିମାନେ ଜାଣି ନ ପାରିବା ସେମାନଙ୍କର ଅପାରଗତାକୁ ପଦାରେ ପକାଇଛି ବୋଲି ଜିଲାର ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ବୌଦ୍ଧବିହାରରେ ପାଳିଲେ ବୁଦ୍ଧ ଜୟନ୍ତୀ



ଭଣ୍ଡାରିପୋଖରୀ,୨୩।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ବୌଦ୍ଧବିହାରରେ ଗୁରୁବାର ବୁଦ୍ଧ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଇନ୍‌ଟାକ୍ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୌଦ୍ଧ ଧର୍ମର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଅନାଦି ଚରଣ ସାହୁ, ସଂସ୍କୃତ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ହିମାସାରମନା ସାହିତ୍ୟ ପରିଷଦ ସମ୍ପାଦକ ଦାମୋଦର ନାୟକ, ଶିକ୍ଷକ ଶରତ କୁମାର ବେହୁରିଆ, ପୋଲିସ ଅଧିକାରୀ ସରୋଜ କୁମାର ମିଶ୍ର, ରମାକାନ୍ତ ସାହୁ, ପୂଜକ ଉମାକାନ୍ତ ପଣ୍ଡା, ନରହରି ରାୟ, ଚନ୍ଦ୍ରକାନ୍ତ ନାୟକ, ବିଶ୍ୱରଞ୍ଜନ ଜେନା, ଶ୍ରୀଧର ନାୟକ ଓ ବୌଦ୍ଧ ବିହାର ଟ୍ରଷ୍ଟି କମଳାକାନ୍ତ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବୌଦ୍ଧ ମହାସଂଘ ପରିଦର୍ଶନ ମଣ୍ଡଳୀ ବୌଦ୍ଧ ରଥ ପରିକ୍ରମା ସହ କଟକ ମାଣିଆବନ୍ଧରୁ ଷୋଳମପୁର ବୌଦ୍ଧବିହାର ପରିଦର୍ଶନ କରିଥିଲେ। ତ୍ରିଶରଣ ପାଠ, ପଞ୍ଚଶୀଳ ପାଠ, ପଞ୍ଚଶୀଳ ପତାକା ଉତ୍ତୋଳନ ସହ ଧର୍ମବାଣୀ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ବୌଦ୍ଧ ମହାସଂଘ ଭଦ୍ରକ ଶାଖା ସମ୍ପାଦକ ସୌଭାଗ୍ୟ କୁମାର ଜେନା, ଡ. ଶୋଭନା ସେଠ, ସହସମ୍ପାଦକ ଅବିନାଶ କୁମାର ଓ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ଷୋଳମପୁର ବୌଦ୍ଧବିହାରକୁ ବିଶ୍ୱ ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମବାସୀ ପରିଚାଳନା କରିଥିଲେ।

# ଧାମରାରେ ଭାଜପାର ରୋଡ୍ ଶୋ'



ରୋଡ୍ ଶୋ'ରେ ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଓ ଏମ୍ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ପ୍ରଚାର କରୁଛନ୍ତି।

ଚାନ୍ଦବାଲି,୨୩।୫ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଧାମରାଠାରେ ଭାଜପା ପକ୍ଷରୁ ମେଗା ରୋଡ୍ ଶୋ' କରାଯାଇଛି। ଧାମୁରାଇ ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ଏହି ରୋଡ୍ ଶୋ'ରେ ରାଜ୍ୟ ସଭାପତି ତଥା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ସିନେତାରକା ତଥା ଭାଜପା ନେତା ଅନୁଭବ ମହାନ୍ତି ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଧାମରା, ଜାଗୁଲା, ବାଂଶଗଡ଼ା, କଇଥକୋଲା, କରଞ୍ଜମାଳ, କରଣପଲ୍ଲୀ ଓ ପଞ୍ଚୁଟିକ୍ରି ପଞ୍ଚାୟତ ପରିକ୍ରମା କରିଥିଲେ। ଓଡ଼ିଶା ଭଳି ରାଜ୍ୟରେ ବହୁ ନେତା ଥିବା ସତ୍ତ୍ୱେ ଜଣେ ଅଣଓଡ଼ିଆ ତାମିଲ ଅଫିସରଙ୍କୁ ଆଣି ରାଜ୍ୟରେ ଶାସନ ଭାର ଟେକିଦେବା ଲଜ୍ୟାର ବିଷୟ ବୋଲି ମନମୋହନ କହିବା ସହ ପଦ୍ମ ଫୁଲରେ ଦୁଇଥର ଭୋଟ ଦୁଇଗୁଣା ବିକାଶ କରିବାକୁ ନାରା ଦେଇଥିଲେ। ଭାଜପାର ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧ୍ୟକ୍ଷ ଅଜୟ କୁମାର ନାୟକ, ଯୁବନେତା ପ୍ରିୟରଞ୍ଜନ ଜେନା, ଜୋନ୍ ସଭାପତି ଦେବେନ୍ଦ୍ର ନାୟକ, ତ୍ରିଦେବେଶ ପ୍ରଧାନ, ମିତ୍ରଭାନୁ ଦାସ ପ୍ରମୁଖ ରୋଡ୍ ଶୋ'ରେ ଯୋଗ ଦେଇଥିଲେ।

## ଦମ୍ପତିଙ୍କୁ ଆକ୍ରମଣ: ବାପ, ପୁଅ ଗିରଫ

ତିହିଡ଼ି,୨୩।୫(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଭାଟପଡ଼ା ଗ୍ରାମରେ ଘରଭଡ଼ା ନେଇ ରହୁଥିବା ଏକ ଦମ୍ପତିଙ୍କୁ ପଡ଼ୋଶୀ ବାପ, ପୁଅ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୨୩୮/୨୪) ରୁଜୁ କରି ବାପ ଉଗ୍ରସେନ ମଲିକ ଓ ପୁଅ ବାବୁ ମଲିକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଆକ୍ରମଣର ଶିକାର ହୋଇଥିବା ଭାଟପଡ଼ା ଗ୍ରାମର ଉର୍ମିଳା ବାରିକ୍ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଭଡ଼ା ନେଇ ରହୁଥିବା ଘର ଆଗରେ ବର୍ଷା ପାଣି ନିଷ୍କାସନ ପାଇଁ ଏକ ନାଳ ଅଛି। ସେହି ନାଳରୁ ତାଙ୍କ ଘରକୁ ପାଣି ଆସୁଥିବାରୁ ତାଙ୍କ ସ୍ୱାମୀ ଏକ ବନ୍ଧ ତିଆରି କରିଥିଲେ। ପଡ଼ୋଶୀ ଘରର ଏକ ଛୋଟ ପିଲା ବନ୍ଧକୁ ଭାଙ୍ଗି ଦେଇଥିଲା। ଏହାକୁ ନେଇ ସୋମବାର ସକାଳେ ତାଙ୍କ ସ୍ୱାମୀ ନିରଞ୍ଜନ ଏବଂ ପଡ଼ୋଶୀ ଉଗ୍ରସେନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଗ୍ରସେନ ଓ ତାଙ୍କ ପୁଅ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଉର୍ମିଳା ଓ ତାଙ୍କ ସ୍ୱାମୀ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି।

## ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା



ବ୍ଲକ କଂଗ୍ରେସ କର୍ମୀଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ।

ତିହିଡ଼ି,୨୩।୫(ସଞ୍ଜିତ ବଳ)

ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପିସିସି ସଭାପତି ପଟ୍ଟନାୟକ ଏକ ସଭାରେ ଯୋଗଦେବାକୁ ଚାନ୍ଦବାଲି ଯାଉଥିବା ବେଳେ ତିହିଡ଼ିସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅପାରଗ ବିଜେଡି ସରକାରକୁ ହଟାଇ ଏଥର କଂଗ୍ରେସ ଶାସନ କ୍ଷମତାକୁ ଆସିବ। ଦୀର୍ଘବର୍ଷ ଶାସନ କ୍ଷମତାରେ ଥାଇ ବିଜେଡି କରି ପାରି ନ ଥିବା କାର୍ଯ୍ୟକୁ କଂଗ୍ରେସ କରି ଦେଖାଇବ ବୋଲି ସଭାପତି ପଟ୍ଟନାୟକ କହିଥିଲେ। ଏହାବ୍ୟତୀତ କୃଷି, ଜଳସେଚନ ସହ ମହିଳାଙ୍କ ଉନ୍ନତି ପ୍ରତି ଦଳ ଅଗ୍ରାଧିକାର ଦେବ ବୋଲି ସେ ପ୍ରକାଶ କରିଥିଲେ। ପିସିସି ସଭାପତିଙ୍କ ସହ ଏମ୍ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଉପସ୍ଥିତ ଥିଲେ। ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ, ଜୋନ୍ ସଭାପତି ଗଣେଶ ମଲିକ, ଯୁବ ସଂଯୋଜକ ବିପିନ ବିହାରୀ ପତି, ଯୁବ ସଭାପତି ସୁଧାଂଶୁ ମାହୁନ୍ତ, ବରିଷ୍ଠ ନେତା ମୀନକେତନ ସେନାପତି, ମାଧବାନନ୍ଦ ନାୟକ, କୈଳାସ ପାତ୍ର, ଗତିକୃଷ୍ଣ ନାୟକ, ସଞ୍ଜୟ ବାରିକ, ରଞ୍ଜିତ ବଳ, ମଧୁସୂଦନ ନାୟକ, ଅଲେଖ ବଳ, ନାରାୟଣ ଜେନା, ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ହୁଇଲଚେୟାର ଫେନ୍ସିଂ ବିଶ୍ୱକପ୍‌ରେ ରାଖାଲ

ଭଣ୍ଡାରିପୋଖରୀ, ୨୩।୫ (ରାଜେନ୍ଦ୍ର ଶତପଥୀ)



ରାଖାଲ ସେଠୀ।

ବ୍ରାଜିଲର ସାଓପାଉଲଠାରେ ଗୁରୁବାରଠାରୁ ହୁଇଲଚେୟାର ଫେନ୍ସିଂ ବିଶ୍ୱକପ୍ ଆରମ୍ଭ ହୋଇଛି। ଏଥିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ରାଖାଲ ସେଠୀ(୩୬) ଏକମାତ୍ର ଭାରତୀୟ ଖେଳାଳି ଭାବେ ଅଂଶଗ୍ରହଣ କରିଛନ୍ତି। ରବିବାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିହେବ। ରାଖାଲ ସାବର ବ୍ୟକ୍ତିଗତ ଇଭେଣ୍ଟରେ ୨୭ତମ ର୍ୟାଙ୍କିଙ୍ଗ ଓ ଦଳଗତ ଭାବେ ୬ ର୍ୟାଙ୍କିଙ୍ଗରେ ରହିଥିବାରୁ ବିଶ୍ୱକପ୍‌ରେ ପଦକ ବିଜେତା ହୋଇପାରିଲେ ପାରାଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ଅର୍ଜନ କରିପାରିବେ। ଏହି ଅବସରରେ ଜାତୀୟ ସଂଘ ସଭାପତି ଜୟରାମ ଚନ୍ଦ୍ରଶେଖର ଓ ପାରା ସ୍ପୋର୍ଟ୍ସ ଆସୋସିଏଶନର ଓଡ଼ିଶା ସଭାପତି ଲୋକନାଥ ମହାନ୍ତି, ହୁଇଲଚେୟାର ଫେନ୍ସିଂ ଓଡ଼ିଶା ଅଧ୍ୟକ୍ଷ ବେଲା ଜୟସ୍ୱାଲ ପ୍ରମୁଖ ରାଖାଲଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ, ରାଖାଲ ଚଳିତବର୍ଷ ବିଭିନ୍ନ ଜାତୀୟ ଚାମ୍ପିୟନଶିପ୍‌ରେ ୫ ପଦକ ଓ ୩ ଅନ୍ତର୍ଜାତୀୟ ପଦକ ଜିତି ଭଣ୍ଡାରିପୋଖରୀ ସମେତ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି।

# ଅବାଧ, ନିରପେକ୍ଷ ନିର୍ବାଚନ ସମ୍ପର୍କିତ ଆଲୋଚନାଚକ୍ର

ଭଦ୍ରକ, ୨୩।୫(ରବିନାରାୟଣ ଖିଲାର)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଅବାଧ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ସଚେତନତା ନେଇ ଭଦ୍ରକର ଚରମ୍ପାସ୍ଥିତ ହାପିହୋମ୍ ସ୍କୁଲ ପରିସରରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଧିରେନ ପଲେଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଟକର ପ୍ରାକ୍ତନ କର୍ପୋରେଟର ପ୍ରଦୀପ ବେହେରା, ମୁଖ୍ୟବକ୍ତା ବାଲେଶ୍ୱରର ସାମାଜିକ କର୍ମୀ କଟି ମାମା, ସମ୍ମାନିତ ଅତିଥି ଭାବେ ସିମୁଳିଆରୁ ଶରତ ବାରିକ, ଶିକ୍ଷାବିତ୍ କୁଳମଣି ବେହେରା, ସରପଞ୍ଚ ଜଗବନ୍ଧୁ ଦାସ ଓ ଖବରଦାତା ଧ୍ରୁବ ଚରଣ ବାରିକ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ସମସ୍ତେ ଯୋଗ୍ୟ ଓ ଶିକ୍ଷିତ ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ। ଦୁର୍ନୀତିରେ ଜଡ଼ିତ ଥିବା ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଖବରଦାତା ଅନିଲ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍ ଭାଗୀରଥି ପଲେଇ ସ୍ୱାଗତ ଭାଷଣ ଓ ଆଇନଜୀବୀ ନାରାୟଣ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସତ୍ୟବ୍ରତ ଦାସ ଅତିଥି ପରିଚୟ ପ୍ରଦାନ ଓ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଖିଲାର, ବିଷ୍ଣୁ ପଲେଇ, ହରିଶ ବାରିକ, ସୁନିଲ ଦାସ, ରମେଶ ବାରିକ, ବିକାଶ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାବୀର ସେବା ସଙ୍ଗଠନ, ମାଳଦା, ଜିଲା ଯାଦବ ସଙ୍ଗଠନ, ସାହିତ୍ୟ ପରିଷଦ ସହ ବିଭିନ୍ନ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବନ୍ଧୁକ ଦେଖାଇ ୧୩ ଲକ୍ଷ ଲୁଟ୍

ବାସୁଦେବପୁର,୨୩।୫(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨ ନଂ. ୱାର୍ଡ ରାଧାକାନ୍ତପୁର ଗ୍ରାମର ଚିଙ୍ଗୁଡ଼ି ବ୍ୟବସାୟୀ ସୁଶାନ୍ତ ପାଲଙ୍କ ଘର ତଥା କାର୍ଯ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ଲୁଟେରାମାନେ ବନ୍ଧୁକ ଦେଖାଇ ୧୩ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି। ଏନେଇ ସୁଶାନ୍ତ ଗୁରୁବାର ଚୁଡ଼ାମଣି ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସୁଶାନ୍ତ ତାଙ୍କ ଚିଙ୍ଗୁଡ଼ି ଗୋଦାମ କାର୍ଯ୍ୟାଳୟରେ ଶୋଇଥିଲେ। କେତେଜଣ ଅଜଣା ବ୍ୟକ୍ତି କବାଟ କାଟି ଘର ଭିତରେ ପଶି ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରି ଗଡ୍‌ରେଜରୁ ୧୩ ଲକ୍ଷ ଟଙ୍କା ନେଇ ଯାଇଛନ୍ତି। ସୁଶାନ୍ତ ଚିଙ୍ଗୁଡ଼ି ବିକ୍ରି ଟଙ୍କା ରଖିଥିବା ବେଳେ ଲୁଟେରାମାନେ ଲୁଟ୍ କରି ନେଇଛନ୍ତି। ଏପରିକି ସେଠାରେ ଲାଗିଥିବା ସିସିଟିଭିକୁ ସେମାନେ ଭାଙ୍ଗି ଦେଇଛନ୍ତି। ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ସାମିଲ ଥିବା ପୋଲିସର ପ୍ରାଥମିକ ତଦନ୍ତ ଓ ଅନୁସନ୍ଧାନରୁ ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଲୁଟେରାଙ୍କ ସନ୍ଧାନ ମିଳିପାରି ନାହିଁ। ଏନେଇ ଥାନାରେ ମାମଲା (ନଂ. ୪୦/୨୪) ରୁଜୁ ହୋଇଛି। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରୀ ବନାନୀ ବେହେରାଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍‌ସ୍କ୍ୱାଡ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି।

# ଅଧାରୁ ଅଟକିଛି କାଡ଼ା ନାଳ କାର୍ଯ୍ୟ

ବନ୍ତ,୨୩।୫ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ତହସିଲ ଛୟାଳସିଂହ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବେଗନା ମୌଜାର ଚାଷଜମିରେ ନିର୍ମାଣ ହେଉଥିବା କାଡ଼ା ନାଳ କାର୍ଯ୍ୟ ଅଧାରୁ ଅଟକିଛି। ଆଗକୁ ଚାଷ କାମ ବେଳେ ଅସୁବିଧାରେ ପଡ଼ିବେ ବୋଲି ବେଗନା ଗ୍ରାମର ଚାଷୀ କାଶୀନାଥ ଖଣ୍ଡେଇ ଅଭିଯୋଗ କରିଛନ୍ତି। ଏନେଇ ସେ ସେ ଡାକ ଯୋଗେ ଅଭିଯୋଗପତ୍ର ଆର୍‌ଡିସି ଓ ଜିଲାପାଳଙ୍କ ପାଖକୁ ପଠାଇଛନ୍ତି।

ସେ ଦର୍ଶାଇଛନ୍ତି ଯେ, କିଛିଦିନ ତଳେ ଭଦ୍ରକ କାଡ଼ା ବିଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ତାଙ୍କ ଚାଷଜମିରେ କାଡ଼ା ନାଳ ଖୋଳା ଯାଇଥିଲା। ଏହି ନାଳ ୩ ଫୁଟ୍ ଓସାର ଓ ୩ ଫୁଟ୍ ଗଭୀର ଥିଲା।



ଚାଷଜମିରେ ଖୋଳା ଯାଇଥିବା ନାଳ।

ଠିକାଦାର କିଛି କାମ କରି ଅଧାରୁ ଛାଡ଼ି ପଳାଇ ଯାଇଛନ୍ତି । ଫଳରେ ଆଗକୁ ଚାଷ କାମ କିପରି କରାଯିବ ସେନେଇ ସେ ଚିନ୍ତାରେ ପଡ଼ିଛନ୍ତି।

## କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ତିହିଡ଼ି,୨୩।୫(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଜିଝାରପୁର ନିକଟରୁ ଚୋରା କୋଇଲା ବୋଝେଇ ଏକ ଟ୍ରକ୍‌କୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୩୯/୨୪) ରୁଜୁ କରି ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ମଟୋଗାଁର ପ୍ରଦୀପ ରାଉତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି।

ବୁଧବାର ରାତିରେ ଜିଝାରପୁର ନିକଟରେ ଏକ ୧୪ ଚକିଆ ଟ୍ରକ୍‌ରେ ଚୋରା କୋଇଲା ବୋଝେଇ ହେଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଧରିଥିଲା। ପୋଲିସକୁ ଦେଖି କୋଇଲା ବୋଝେଇ କରୁଥିବା ଲୋକେ ସେଠାରୁ ଖସି ପଳାଇଥିଲେ। ଟ୍ରକ୍‌ରେ ଥିବା ୧୮ କୁଇଣ୍ଟାଲ କୋଇଲା ପୋଲିସ ଜବତ କରିଛି।

# ବିଜେଡିର ଆଶୀର୍ବାଦ ସମାବେଶ



ସମାବେଶରେ ଉପସ୍ଥିତ ମହିଳାମାନେ।

ବାସୁଦେବପୁର,୨୩।୫(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକର ଲକ୍ଷ୍ମୀଦାସପୁର ପଞ୍ଚାୟତରେ ଗୁରୁବାର ବିଜେଡି ଶକ୍ତି ପ୍ରଦର୍ଶନ କରିଛି। ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ନିଜ ସମର୍ଥକମାନଙ୍କୁ ନେଇ ବିଭିନ୍ନ ୱାର୍ଡରେ ବାଇକ୍ ଶୋଭାଯାତ୍ରା କରି ଗାଁ ଗାଁ ବୁଲି ଭୋଟରମାନଙ୍କୁ ଭେଟି ଭୋଟ ଭିକ୍ଷା କରିଛନ୍ତି। ପୂର୍ବତନ ସରପଞ୍ଚ ବନମାଳୀ ବାରିକ୍‌ଙ୍କ ସଭାପତିତ୍ୱରେ ଲକ୍ଷ୍ମୀଦାସପୁର ଛକଠାରେ ଅନୁଷ୍ଠିତ ଆଶୀର୍ବାଦ ସମାବେଶରେ ବିଷ୍ଣୁବ୍ରତ ଯୋଗଦେଇ ବିକାଶଧାରାରେ ସାମିଲ ହୋଇ ପଞ୍ଚାୟତର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଆଗେଇ ନେବାକୁ ଭୋଟରଙ୍କୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ପୂର୍ବତନ ସମିତିସଭ୍ୟ ମଧୁସୂଦନ ଜେନା, ପବିତ୍ର ରଞ୍ଜନ ପୁହାଣ, ନୀଳାଦ୍ରି ରଞ୍ଜନ ପୁହାଣ, ଜଗବନ୍ଧୁ ବାରିକ୍, ଟୁନା ବଳ ପ୍ରମୁଖ ଯୋଗ ଦେଇଥିଲେ।

## କୂଅରେ ପଡ଼ି ଶିଶୁ ମୃତ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଆଜାଦ ବସ୍ତିରେ ଗୁରୁବାର ରାଇରଙ୍ଗପୁରର ପ୍ରହ୍ଲାଦ ଅଗ୍ରୱାଲଙ୍କ ପୁଅ ଗୋପାଲ(୩) କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ପ୍ରହ୍ଲାଦ ଶ୍ୱଶୁର ସୁବାସ ଅଗ୍ରୱାଲଙ୍କ ଘରକୁ ସପରିବାର ଆସିଥିଲେ। ଗୋପାଲ ଖେଳୁଥିବା ସମୟରେ ଅଗଣାରେ ଥିବା କୂଅରେ ପଡ଼ିଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ. ୧୮/୨୪) ରୁଜୁ ହୋଇଛି।



**କେନ୍ଦୁଝର**

# ୧୭୨୨ ବୁଥ୍‌ରେ ମତସାବ୍ୟସ୍ତ କରିବେ ୧୩,୭୧,୬୬୧ ଭୋଟର

କେନ୍ଦୁଝର,୨୩।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମେ ୨୫ ତାରିଖରେ କେନ୍ଦୁଝର ଲୋକସଭା କ୍ଷେତ୍ରରେ ସାଧାରଣ ନିର୍ବାଚନ ହେବ। ଗୁରୁବାର ପ୍ରଚାରର ଶେଷ ଦିନ ଥିବା ବେଳେ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟାଳୟରେ ତେଲକୋଇ ଓ କେନ୍ଦୁଝର ନିର୍ବାଚନ ମଣ୍ଡଳୀ ପାଇଁ, ଚମ୍ପୁଆ ଉପଖଣ୍ଡରେ ପାଟଣା ଓ ଚମ୍ପୁଆ ପାଇଁ ଏବଂ ଘଷିପୁରା ଓ ଆନନ୍ଦପୁର ପାଇଁ ଆନନ୍ଦପୁର ଉପଖଣ୍ଡରେ ଇଭିଏମ ବିତରଣ କରାଯାଇଛି।

କେନ୍ଦୁଝର ଲୋକସଭା ଏବଂ ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ ବିଧାନସଭା ମଣ୍ଡଳୀର ସମୁଦାୟ ୧୭୨୨ ପୋଲିଂ ଷ୍ଟେଶନରେ ସମୁଦାୟ ୧୩ ଲକ୍ଷ ୭୧ ହଜାର ୬୬୧ ଜଣ ଭୋଟର ଭୋଟଦାନ କରିବେ। ସେଥିରୁ ସର୍ବାଧିକ ମହିଳା ଭୋଟର ୬ ଲକ୍ଷ ୮୮ ହଜାର ୬୦ ରହିଛନ୍ତି। ପୁରୁଷ ଭୋଟରଙ୍କ ସଂଖ୍ୟା ୬ ଲକ୍ଷ ୮୩ ହଜାର ୫୧୫ ଥିବା ବେଳେ ଅନ୍ୟ ଭୋଟରଙ୍କ ସଂଖ୍ୟା ୮୬ ରହିଛି। ତେଲକୋଇ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨ ଲକ୍ଷ ୩୮ ହଜାର ୪୨୬ ଭୋଟର ରହିଛନ୍ତି। ଆନନ୍ଦପୁରରେ ୨ ଲକ୍ଷ ୩୩ ହଜାର ୨୦୩, ଚମ୍ପୁଆରେ ୨ ଲକ୍ଷ ୩୦ ହଜାର ୫୩୨, କେନ୍ଦୁଝରରେ ୨ ଲକ୍ଷ ୨୯ ହଜାର ୩୬୩, ଘଷିପୁରାରେ ୨ ଲକ୍ଷ ୨୮ ହଜାର ୩୯୯, ପାଟଣାରେ ୨ ଲକ୍ଷ ୧୧ ହଜାର ୭୩୮ ଭୋଟର ମତ ସାବ୍ୟସ୍ତ କରିବେ। ସମୁଦାୟ ପୋଲିଂ ଷ୍ଟେଶନ ମଧ୍ୟରୁ ୧୭୪ଟି ସଖୀ, ୩୦ଟିରେ ଯୁବକମାନଙ୍କ ଦ୍ୱାରା ପରିଚାଳିତ ପୋଲିଂ ଷ୍ଟେଶନ, ୧୫ଟି ଇକୋ ଫ୍ରେଣ୍ଡଲି

**କେନ୍ଦୁଝର ଲୋକ ସଭା କ୍ଷେତ୍ର**



ପୋଲିଂ ଅଧିକାରୀମାନେ ଇଭିଏମ ଓ ଭିଭିପାଟ ମେଶିନ ନେଇ ବୁଥ୍ ଅଭିମୁଖେ ଯାଉଛନ୍ତି।

ପୋଲିଂଷ୍ଟେଶନ, ଗୋଟିଏ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ରହିଛି। ଅନ୍ୟଟି ଏଥ୍ନିକ ପୋଲିଂଷ୍ଟେଶନ ରହିଛି। ସମୁଦାୟ ୮୦ଟି ପୋଲିଂଷ୍ଟେଶନରେ ମାଇକ୍ରୋ ଅବଜରଭର ରହିବେ। ୪୦ ଟିରେ ଭିଡିଓ ଗ୍ରାଫି ବ୍ୟବସ୍ଥା କରାଯାଇଥିବା ବେଳେ ୧୦୩୨ ୱେବ୍ କାଷ୍ଟିଂ ପୋଲିଂଷ୍ଟେଶନ ପ୍ରସ୍ତୁତ କରାଯାଇଛି। ସମୁଦାୟ ୩୨୨୪ ଜଣ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେଥିରେ ୬ ଜଣ ଅତିରିକ୍ତ ଏସ୍‌ପି, ୧୨ ଜଣ ଡିଏସ୍‌ପି, ୩୬ ଜଣ ଇନ୍ସପେକ୍ଟର, ୩୩୩ ଜଣ ଏସ୍‌ଆଇ, ଏଏସ୍‌ଆଇ, ୧୪୫୨ କନଷ୍ଟେବଲ, ୭୧୭ ଜଣ ହୋମଗାର୍ଡ, ୬୬୮ ଜଣ ଗ୍ରାମରକ୍ଷୀ ନିୟୋଜିତ କରାଯାଇଛି। ସମୁଦାୟ ୩୯ ଫ୍ଲାଇଂସ୍କ୍ୱାଡ୍, ୩୯ ଷ୍ଟାଟିକ ସର୍ଭେଲାନ୍ସ ଟିମ, ୭ ଭିଡିଓ ସର୍ଭେଲାନ୍ସ ଟିମ୍, ୬ ଭିଡିଓ ଭିୟୁଂ ସ୍କ୍ୱାଡ, ୬ ଆକାଉଣ୍ଟିଂ ଟିମ୍, ୭ ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜର୍ଭର ନିୟୋଜିତ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ୧୯୧ ଜଣ ସେକ୍ଟର ଅବଜର୍ଭର, ୧୨୦ଟି ମୋବାଇଲ ପାର୍ଟି ନିୟୋଜିତ କରାଯାଉଛି। ଜିଲାରେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୪୭ ସମ୍ବେଦନଶୀଳ ବୁଥ୍, ଚମ୍ପୁଆରେ ୪୪, ଆନନ୍ଦପୁର ୩୩, ତେଲକୋଇ ୨୯, ପାଟଣା ୧୬ ଓ କେନ୍ଦୁଝର ନିର୍ବାଚନମଣ୍ଡଳୀରେ ୧୦ଟି ବୁଥ୍ ଚିହ୍ନଟ କରାଯାଇଛି।

## ପାଟଣାରେ ୧୬ ସମ୍ବେଦନଶୀଳ ବୁଥ୍

ପାଟଣା,୨୩।୫(ବୀର କିଶୋର ଦାଶ)

ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଛି। ବୁଥ୍ ଅଭିମୁଖେ ପୋଲିଂ ପାର୍ଟି ଇଭିଏମ ଧରି ବାହାରିଛନ୍ତି। ଚଳିତ ନିର୍ବାଚନରେ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ରଣାଙ୍ଗନରେ ୧୦ ବିଧାୟକ ପ୍ରାର୍ଥୀ ଅବତିର୍ଣ୍ଣ ହୋଇଥିବା ବେଳେ କେନ୍ଦୁଝର ଲୋକସଭା ପାଇଁ ୧୧ ଜଣ ଏମ୍‌ପି ପ୍ରାର୍ଥୀ ରହିଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀର ୨୭୩ ଟି ବୁଥ୍‌ରେ ମୋଟ ୨ ଲକ୍ଷ ୧୧ ହଜାର ୭୩୮ ଜଣ ଭୋଟର ମତଦାନ କରିବେ। ପାଟଣା ନିର୍ବାଚନ ମଣ୍ଡଳୀରେ ୧୬ ସମ୍ବେଦନଶୀଳ ବୁଥ୍ ରହିଛି। ମତଦାତାଙ୍କ ମଧ୍ୟରେ ଏକ ଲକ୍ଷ ୫ ହଜାର ୫୦୮ ଜଣ ମହିଳା ଭୋଟର, ୧ ଲକ୍ଷ ୬ ହଜାର ୨୨୮ ଜଣ ପୁରୁଷ ଏବଂ ତୃତୀୟ ଲିଙ୍ଗ ଭୋଟର ୨ ଜଣ ରହିଛନ୍ତି। ମହିଳାମାନଙ୍କ ନିମନ୍ତେ ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ ୧୦ ସଖି ବୁଥ୍ ରହିଥିବା ବେଳେ ପାଟଣା ନିର୍ବାଚନ ମଣ୍ଡଳୀର ୧୬୪ ଟି ବୁଥ୍‌ରେ ମତଦାନର ଭିଡିଓ ଗ୍ରାଫି କରାଯିବ। ଶାନ୍ତି ଶୃଙ୍ଖଳା ପାଇଁ ୨ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର, ୫୦ ଏସ୍‌ଆଇଙ୍କ ସମେତ ୫୨୧ ଜଣ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ୬ଟି ଫ୍ଲାଇଂସ୍କ୍ୱାର୍ଡ ସହ ୬ ଟି ଏସ୍‌ଏସଟି ଟିମ, ୨ ଭିଏସ ଟିମ୍‌ଙ୍କ ସହ ଅବଜର୍ଭର ନିୟୋଜିତ ହୋଇଛନ୍ତି।

## ରୋଟାରୀ ଗଭର୍ନରଙ୍କ କେନ୍ଦୁଝର ଗସ୍ତ



ରୋଟାରୀ ଗଭର୍ନରଙ୍କ ସହ କ୍ଲବ ସଦସ୍ୟମାନେ।

କେନ୍ଦୁଝର,୨୩।୫
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ରୋଟାରୀ ଗଭର୍ନର ଜୟଶ୍ରୀ ମହାନ୍ତି ବୁଧବାର କେନ୍ଦୁଝର ରୋଟାରୀ କ୍ଲବ୍ ପରିଦର୍ଶନ କରିଛନ୍ତି। ସେ କ୍ଲବ୍‌ର ୨୦୨୩ ଓ ୨୦୨୪ ବର୍ଷର କାର୍ଯ୍ୟକାଳିନ କାର୍ଯ୍ୟର ବିଭିନ୍ନ ପରିସଂଖ୍ୟାନ କରିଥିଲେ। ଗସ୍ତ ସମୟରେ ୧୦୦ ଆଦିବାସୀ ମହିଳାଙ୍କୁ ଶାଢ଼ୀ ଓ ଧୂମ ରହିତ ଚୁଲା ବିତରଣ କରିଥିଲେ। ସନ୍ଧ୍ୟାରେ କ୍ଲବ୍ ପରିସରରେ ରୋଟାରୀର ମୂଳମନ୍ତ୍ର ସେବା ବିଷୟରେ ଆଲୋଚନା କରିଥିଲେ। କ୍ଲବ୍ ସଭାପତି ସୁଷମା ଆଦ୍ୟ ମିଲେଟ ମିଶନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇ ରୋଟାରୀ କାମ କରୁଛି ବୋଲି ଅଭିଭାଷଣରେ କହିଥିଲେ। ଏହି ଅବସରରେ କ୍ଲବ୍‌ର ବୁଲେଟିନ ଗୋନାସିକା ସମ୍ପାଦକ ଡା. ସଞ୍ଜୀବ କୁମାର ଓତାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି ଅଭିଭାଷଣ ଦେଇ ରୋଟାରୀର କାମକାର୍ଯ୍ୟକୁ ଆଗେଇନେବା ସହ କ୍ଲବ୍‌ର ଉନ୍ନତୀ କାମନା କରିଥିଲେ। ଅଧ୍ୟକ୍ଷ ତନ୍ମୟ ମହାନ୍ତି, କ୍ଲବ୍‌ର ସଦସ୍ୟ ଦେବବ୍ରତ ସ୍ୱାଇଁ, ନିରୁପମା ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ହରିହର ମହାନ୍ତ, ସବିତା ବେହେରା, ବିଜୟନାଥ କପୁର, ସୁରେନ୍ଦ୍ର ପଟ୍ଟନାୟକ, ସୁରେଶ ଚନ୍ଦ୍ର ଖୋଟୋଇ, ପ୍ରଭାତ ଭୂୟାଁ, ସାଇ ଶ୍ରୀ, ମହେଶ ଚାଉଡା ଏବଂ ଯୋଡା, ଭଦ୍ରକ, ଭୁବନେଶର କ୍ଲବ୍‌ର ସଦସ୍ୟା, ସଦସ୍ୟମାନେ ଯୋଗଦେଇଥିଲେ। ଅଶ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଆନନ୍ଦପୁର/ଚମ୍ପୁଆ/ପାଟଣା(ବୀର କିଶୋର ଦାଶ/ମହେଶ୍ୱର ଦାସ/ ଉମେଶ ଚନ୍ଦ୍ର ପାଢ଼ୀ), ୨୩।୫: କେନ୍ଦୁଝର ଜିଲାରେ ମେ ୨୫ ତାରିଖରେ ଭୋଟ ଗ୍ରହଣ ହେବାକୁ ଯାଉଛି। ନିର୍ବାଚନରେ ଅବାଧ ଏବଂ ନିରପେକ୍ଷ ବଜାୟ ରଖିବା ନିମନ୍ତେ ସିଆରପିଏଫ୍, ପୋଲିସ ପକ୍ଷରୁ କଡ଼ାକଡି ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସିଆରପିଏଫ୍ ଯବାନଙ୍କ ସହିତ ବୁଧବାର ବ୍ରିଜ୍ ଛକଠାରୁ ଆନନ୍ଦପୁର ବ୍ୟାରେଜ୍ ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ସେହିପରି ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରିଣୀ ଦେବକୀ ନାଏକଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ପୋଲିସ, ସିଆରପିଏଫ୍, ବିଏସ୍‌ଏଫ୍ ଓ ଓଏସପି ବାଟାଲିଅନର ଯବାନମାନେ ଏନ୍‌ଏସିର ୧୩ ୱାର୍ଡ ସମେତ ସୁନାପୋଶି, ଇନ୍ଦ୍ରପ୍ରସ୍ଥ, ବାଙ୍କ ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ସେହିପରି ପାଟଣା ପୋଲିସ ପକ୍ଷରୁ ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ଏକ କମ୍ପାନୀ ସିଆରପିଏଫ ଫୋର୍ସ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ମାଛଗଡ଼, ଗୋରାସ, ସାହାରପଡ଼ା, ପାଟଣା ବଜାର, ମଲ୍ଲିପଶି, ଉଦୟପୁର, ତେଣ୍ଡରା, ବେଗେନା, ସିଲିପଦା ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି।

## ଟ୍ରାଇସାଇକେଲରେ ଦିବ୍ୟାଙ୍ଗଙ୍କ ଭାରତ ଭ୍ରମଣ

### ଝିଅଙ୍କୁ ପଢ଼ାଇବା, ରକ୍ତଦାନ କରିବାକୁ ସଚେତନ କରୁଛନ୍ତି

ବଉଳା,୨୩।୫(ଦୁର୍ଗା ପ୍ରସାଦ ଆୟଚ)




ଅରବିନ୍ଦ କୁମାର ମିଶ୍ର

'ଝିଅ ବଢ଼ାନ୍ତୁ, ଭାରତ ବଢ଼ାନ୍ତୁ', ରକ୍ତଦାନ କରନ୍ତୁ ଓ ଗାଡ଼ି ଚଲାଇବା ବେଳେ ମୋବାଇଲ ବନ୍ଦ କରିବାକୁ ସଚେତନ କରି ବିହାର ପାଟଣାର ଅରବିନ୍ଦ କୁମାର ମିଶ୍ର ଭାରତ ଭ୍ରମଣ କରୁଛନ୍ତି। ସେ ଜଣେ ଦିବ୍ୟାଙ୍ଗ, ତାଙ୍କର ଗୋଟିଏ ଗୋଡ କାମ କରୁ ନ ଥିଲେ ବି ପୁରୀଠାରୁ ସମଗ୍ର ଭାରତ ପରିକ୍ରମା କରିବାକୁ ସଂକଳ୍ପ କରିଛନ୍ତି।

ସୂଚନା ଅନୁଯାୟୀ, ଅରବିନ୍ଦ ୨୦୧୮ରେ ପୁରୀରୁ ବାହାରି କେନ୍ଦୁଝର ପର୍ଯ୍ୟନ୍ତ ଯାଇଥିଲେ। ଝୁମ୍ପୁରା ବ୍ଲକ୍‌ରେ ୩ ଚକିଆ ସାଇକଲରେ ବିଭିନ୍ନ ଗାଁକୁ ପରିକ୍ରମା କରି ସଚେତନ କରିଥିଲେ। ୨୦୧୯ରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ସେ ନିଜ ଗାଁ ବିହାରର ପାଟଣାକୁ ଫେରିଯାଇଥିଲେ। ନିଜର ଆତ୍ମ ବିଶ୍ୱାସରେ ପୁର୍ନବାର ୨୦୨୨ରେ ଝୁମ୍ପୁରା ବ୍ଲକ୍ ବାରିଆଠାରୁ ନିଜର ସଚେତନତା ସଂକଳ୍ପ ଯାତ୍ରା ଆରମ୍ଭ କରି ଏବେ ହାଟଡିହୀ ବ୍ଲକ୍‌ରେ ପହଞ୍ଚିଛନ୍ତି। ବ୍ଲକ୍ ଅନ୍ତର୍ଗତ ଶାସଙ୍ଗ ଗ୍ରାମରେ ଏକ କ୍ଲବ୍ ଘରେ ରାତ୍ରଯାପନ କରୁଛନ୍ତି। ଦିନରେ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ଓ ଗାଁକୁ ବୁଲି ବିଭିନ୍ନ ଛକ, ବଜାରର ସଚେତନ କରୁଛନ୍ତି। ତାଙ୍କ ଟ୍ରାଇ ସାଇକେଲ ପଛରେ ଝିଅଙ୍କୁ ପଢ଼ାଇବା, ରକ୍ତଦାନ ଓ ସଡ଼କ ସୁରକ୍ଷା ସମ୍ପର୍କରେ ଲେଖାଯାଇଛି। ଲୋକମାନେ ତାଙ୍କର ଏଭଳି ସଚେତନତା ବାର୍ତ୍ତାକୁ ପଢ଼ି ତାଙ୍କୁ କୃତଜ୍ଞତା ଜଣାଉଛନ୍ତି। ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ବର୍ଷ ବର୍ଷ ଧରି ଏଭଳି ସଚେତନତା କାର୍ଯ୍ୟକ୍ରମ କରୁଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏବେ ସେ ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିକ୍ରମା କରି ଝିଅଙ୍କୁ ପଢ଼ାଇବା, ରକ୍ତଦାନ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି। ଓଡ଼ିଶାର ୩ ଟି ଜିଲା ତଥା: ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ବୁଲିବା ବାକି ରହିଛି। ଅବଶିଷ୍ଟ ଜିଲାକୁ ପରିକ୍ରମା କରିସାରିଥିବା ସେ କହିଛନ୍ତି। ତାଙ୍କର ଏହି ସଚେତନତା ସ୍ୱପ୍ନକୁ ସାକାର କରିବା ସହିତ ଦେଶର ସବୁ ଜିଲା ଓ ବ୍ଲକ୍ ଗାଁ ବୁଲିବାକୁ ମନସ୍ଥ କରିଛନ୍ତି। ସେ କାଶ୍ମୀର ଯିବାକୁ ମଧ୍ୟ ଯୋଜନା କରିଥିବା କହିଛନ୍ତି।

**ମୟୂରଭଞ୍ଜ**

# ନିର୍ବାଚନ ପାଇଁ କରଞ୍ଜିଆରେ ୧୪୪

ବାରିପଦା,୨୩।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା କ୍ଷେତ୍ରରେ ଆସନ୍ତା ୨୫ରେ ନିର୍ବାଚନ ହେବ। କେନ୍ଦୁଝର ଲୋକସଭା ଆସନ ଅଧୀନ ଏହି ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ ସଞ୍ଚାଳନ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ୧୪୪ ଧାରା ଜାରି କରିଛନ୍ତି। ୨୫ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ମତଦାନ କେନ୍ଦ୍ରରେ ୧୪୪ ଧାରା ବଳବତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିଜାଇଡିଂ ଅଫିସରଙ୍କୁ ବାଦ ଦେଇ ମତଦାନ କେନ୍ଦ୍ର ଭିତରେ କୌଣସି ବ୍ୟକ୍ତି ମୋବାଇଲ ଫୋନ ବ୍ୟବହାର କରିବେ ନାହିଁ।

ନିର୍ଦ୍ଦେଶ ଅନୁଯାୟୀ, କୌଣସି ବ୍ୟକ୍ତି ମତଦାନ କେନ୍ଦ୍ରର ୨୦୦ ମିଟର ବ୍ୟାସାର୍ଦ୍ଧରେ ରାଜନୈତିକ କାର୍ଯ୍ୟକଳାପ କରି ପାରିବେ ନାହିଁ। କୌଣସି ବ୍ୟକ୍ତି ନିର୍ବାଚନ ସମ୍ପର୍କରେ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରାକୁ ଡାକିବା, ଆୟୋଜନ କରିବା, ଯୋଗଦେବା, କିମ୍ବା ସମ୍ବୋଧିତ କରିବେ ନାହିଁ। ସିନେମାଟୋଗ୍ରାଫ, ଟେଲିଭିଜନ କିମ୍ବା ଅନ୍ୟାନ୍ୟ ସମାନ ଉପକରଣ ମାଧ୍ୟମରେ କୌଣସି ବ୍ୟକ୍ତି ନିର୍ବାଚନ ବିଷୟ କୌଣସି ଜନସାଧାରଣଙ୍କୁ ପ୍ରଦର୍ଶନ କରିବେ ନାହିଁ। ମତଦାନ ଶେଷ ହେବା ପାଇଁ ସ୍ଥିର ହୋଇଥିବା ସମୟ ସହିତ ୪୮ ଘଣ୍ଟା ମଧ୍ୟରେ ଉପରୋକ୍ତ ନିର୍ବାଚନମଣ୍ଡଳୀରେ କୌଣସି ମ୍ୟୁଜିକାଲ କନ୍ସର୍ଟ କିମ୍ବା କୌଣସି ନାଟ୍ୟ ପ୍ରଦର୍ଶନ ତଥା ଅନ୍ୟ କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପାରିବନାହିଁ।



ମୟୂରଭଞ୍ଜ ଜିଲା କରଞ୍ଜିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ।

## ଅଷ୍ଟପ୍ରହର ନାମଯଜ୍ଞ

ଉଦଳା,୨୩।୫
(ସନ୍ତୋଷ କୁମାର ବାଛିନୀ)

ଉଦଳା ହାଇସ୍କୁଲ ଛକ ଯାତ୍ରା ପଡ଼ିଆରେ ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଦୁଇ ଦିବସୀୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବୁଧବାର ସନ୍ଧ୍ୟାରେ ମଣିନାଗେଶ୍ୱର ମନ୍ଦିର ପୋଖରୀରୁ ଘଟ ଉତ୍ତୋଳନ ପୂର୍ବକ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ସକାଳଠାରୁ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବରମଣ୍ଡଳ କୀର୍ତ୍ତନ ମଣ୍ଡଳୀ ଭଦ୍ରକ ବାସୁଦେବପୁର, ମା' ଦାଣ୍ଡ ଛଟେଇ କୀର୍ତ୍ତନ ମଣ୍ଡଳୀ ବାଲେଶ୍ୱର ବଗଲପୁର ଏବଂ ପଟିଆ ସିମୁଳି କୀର୍ତ୍ତନ ମଣ୍ଡଳୀ ମୟୂରଭଞ୍ଜ କୁଲିଅଣା ଦଳ ଅଂଶ ଗ୍ରହଣ କରି ନାମ ସଂକୀର୍ତ୍ତନ ଗାନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ମଧୁସୂଦନ ରାଏ, ଡିକେନ୍ସ ବେହେରା, ଆତିଶ ଜେନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶତାଧିକ ସଂକୀର୍ତ୍ତନ ପ୍ରେମୀ ଯୋଗଦେଇ ସଂକୀର୍ତ୍ତନ ଶ୍ରବଣ କରିଥିବା ଦେଖିବାକୁ ମିଳିଥିଲା। ସମସ୍ତ ସଂକୀର୍ତ୍ତନ ପ୍ରେମୀ ମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ସହିତ ଦଧିଭଙ୍ଗା ପରେ ଅଷ୍ଟପ୍ରହର ନାମଯଜ୍ଞ ସମାପନ ହୋଇଥିଲା। କମିଟିର ବରିଷ୍ଠ ସଦସ୍ୟ ଆଶିଷ ମହାନ୍ତି, ବିଜନ ନାଏକ, ବିଶ୍ୱନାଥ ବେରା, ବିଶ୍ୱଜିତ ନାୟକ, ଅବୁଜ ବାରିକ, ପ୍ରଦୀପ ମହାନ୍ତି, ମାନସ ମହାନ୍ତି, ପ୍ରଭାକର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଜଳକ୍ରୀଡ଼ା କଲେ ମଦନମୋହନ



ମଦନ ମୋହନ ନୌକା ବିହାର କରୁଛନ୍ତି।

### ଚିତ୍ରଡ଼ାରେ ଚନ୍ଦନ ଯାତ୍ରା

ମୋରଡ଼ା,୨୩।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ରରେ ଗୁରୁବାର ଚନ୍ଦନ ପୂର୍ଣ୍ଣିମା ଅବସରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ନୌକାରେ ବସି ଶତାଧିକ ଭକ୍ତଙ୍କ ଗହଣରେ ଜଳ କ୍ରୀଡ଼ା କରିଥିଲେ। ମଦନ ମୋହନଙ୍କୁ ପ୍ରଥମେ ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରୁ ଏକ ବିମାନରେ ଚିତ୍ରଡା ରାଜାବନ୍ଧ ନିକଟକୁ ଭକ୍ତମାନେ ଆଣିଥିଲେ। ଏହାପରେ ନୌକାରେ ବିଜେ କରାଇ ମନ୍ଦିର ପୂଜାରୀ ମଦନ ମୋହନ ପଣ୍ଡା, ନାଉରୀ କୈଳାସ ଦଳେଇ ରାଜାବନ୍ଧରେ ପରିଭ୍ରମଣ କରାଇଥିଲେ। ମହାପ୍ରଭୁଙ୍କ ଜଳ କ୍ରୀଡ଼ା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଭଜନ କୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ସେଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଦଇତାପତି କୈଳାସ ଖଣ୍ଡେଲୱାଲ, ଅଜୟ କୁମାର ପାଳ, ପ୍ରତାପ ମହାନ୍ତ, ଅମ୍ବୁଜ ମହାନ୍ତ, ମନୋଜ ମହାନ୍ତ, ଡମ୍ବୁରୁ ମହାନ୍ତ, ତରୁଣ କୁମାର ମହାକୁଡ଼ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## କଡ଼ଦା,କୁଆମରାରେ ଚନ୍ଦନ ଯାତ୍ରା

ଗୋପବନ୍ଧୁ ନଗର,୨୩।୫
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ଓ ତଳକଡ଼ଦା ଗ୍ରାମରେ ଚନ୍ଦନ ପୂର୍ଣ୍ଣିମା ଅବସରରେ ୩ ଦିନ ଧରି ଠାକୁରଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ମନ୍ଦିରରୁ ଠାକୁର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ମେଢ଼ ସହ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ଭକ୍ତଙ୍କ ଗହଳି ଲାଗି ରହିବା ସହ ଭୋଗଲଗା କାର୍ଯ୍ୟ ଓ ଚନ୍ଦନ ପାଣି ଭକ୍ତ କଂ ଉପରେ ସିଞ୍ଚନ କରାଯାଇଥିଲା। ପରମ୍ପରା ଅନୁଯାୟୀ ଠାକୁର ମନ୍ଦିର ପରିସରରେ ଥିବା ପୋଖରୀ ମଧ୍ୟରେ ନାବ ଖେଳ କରିଥିଲେ। ଉଭୟ ଗ୍ରାମର ସଂକୀର୍ତ୍ତନ ଦଳ ଦ୍ୱାରା ଠାକୁର ଗ୍ରାମ ପରିକ୍ରମା କରିଥିଲେ। ପାଗ ଅନୁକୂଳ ଥିବାରୁ ଚନ୍ଦନ ଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ ହୋଇଥିଲା। ଉଭୟ ଗ୍ରାମର କମିଟି ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଚନ୍ଦନ ପୂର୍ଣ୍ଣିମା ଅବସରରେ ଉପର କଡ଼ଦାଠାରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାରିପଦା,୨୩।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୭ନଂ. ୱାର୍ଡ ବଳରାମପୁରଠାରେ ଦୁର୍ଯ୍ୟୋ-ସରସ୍ୱତୀ ସାଂସ୍କୃତିକ ପରିଷଦର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ କ୍ଷୀରୋଦ କୁମାର ଶିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାସ ବିହାରୀ ଶିଟ ଓ ସୁମତୀରାଣୀ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ମହାନ୍ତି, ବରେନ୍ଦ୍ର କୁମାର ମହାନ୍ତି, ଗଦାଧର ବେହେରା ଓ ଅନ୍ନଦା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, କୁନିକୁନି ପିଲା ତଥା ଆଜିର ଯୁବ ପିଢ଼ିଙ୍କୁ ଓଡ଼ିଶାର ଲୋକକଳା ସହିତ ପରିଚିତ କରାଇବା ଏବଂ ନିଜ ମାତୃଭାଷା, ନିଜ ସଂସ୍କୃତିର ପ୍ରଚାର ପ୍ରସାର କିପରି ହୋଇପାରିବ ତାର ପ୍ରୟାସ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଅଟେ।

## ୨୦୦୦ ଲିଟର ମହୁଲ ପୋଚ ନଷ୍ଟ

ମୋରଡ଼ା,୨୩।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୦୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୨୩୭ ଲିଟର ଦେଶୀ ମଦ ଜବତ କରିଛି। ସୂଚନା ଅନୁଯାୟୀ, ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, କର୍ମଚାରୀ ବିଜୟ କୁମାର ମହାନ୍ତ, ସୁରେନ୍ଦ୍ରନାଥ ତରେଇ, ଯୋଶବନ୍ତ ନାଏକ, ଲଲାଟେନ୍ଦୁ ଶତପଥୀ, ଦୀପାଞ୍ଜଳି ଦାସ ପ୍ରମୁଖ ଭାଲିଆଡିହା ପଞ୍ଚାୟତର ତାଡ଼କୀ ଗ୍ରାମରେ ବେଆଇନ ଭାବେ ଚାଲିଥିବା ଏକ ମଦ ଭାଟି ଉପରେ ଚଢ଼ାଉ କରି ମହୁଲ ପୋଚ ନଷ୍ଟ କରିବା ସହିତ ଦେଶୀ ମଦ ଜବତ କରିଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକର ଶୁବାନଡ଼ିହି ଓ ହରିଣାଶୋଳ ଗ୍ରାମର ଚଢ଼ାଉ କରି ଯଥାକ୍ରମେ ୧୮ ଓ ୧୯ ଲିଟର ମଦ ଜବତ କରିବା ସହିତ ରାଇମାତ ଟୁଡୁ ଏବଂ ଜଇରାମ ମୁର୍ମୁଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ବେତନଟୀ,୨୩।୫(ଧରଣୀଧର ମହାନ୍ତି)

ବେତନଟୀ-ବଡ଼ସାହି ରାସ୍ତାର ବାଘମରା ଛକରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆମ୍ବଯୋଡ଼ା ଗ୍ରାମର ଚିତ୍ତରଞ୍ଜନ ବେହେରା। ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ମୋଟରସାଇକେଲ ଯୋଗେ ବଡ଼ସାହିରୁ ବେତନଟୀ ଫେରୁଥିବା ବେଳେ ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମର ଅଜିତ ସିଂ, ଗଙ୍ଗାଧର ସିଂ ଏବଂ ଜୟନ୍ତ ସିଂ ଅନ୍ୟ ଏକ ବାଇକ୍‌ରେ ଆସୁଥିଲେ। ବାଘମରା ଛକରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା।

**ସରପଞ୍ଚଙ୍କୁ ଘେରିଲେ ୱାର୍ଡବାସୀ**

ଜଳେଶ୍ୱର,(ନବୀନ ସାହୁ)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତ ବାଖୁଡ଼ିପଦା ଗ୍ରାମରେ ବୁଧବାର ବିଧାନସଭା ଓ ଏମ୍‌ପି ନିର୍ବାଚନୀ ବୈଠକ ଚାଲିଥିବା ବେଳେ ବରଡିହା ପଞ୍ଚାୟତ ସରପଞ୍ଚଙ୍କୁ ୬ନଂ. ୱାର୍ଡର ବାଖୁଡ଼ିପଦା ଗ୍ରାମବାସୀ ଘେରିଥିଲେ। ସରପଞ୍ଚ ଆଉ ୪ ମାସ ସମୟ ମାଗିଥିଲେ ମଧ୍ୟ ଗ୍ରାମବାସୀ ତାଙ୍କ କଥା ନ ଶୁଣିବାରୁ ସରପଞ୍ଚ ବାଧ ହୋଇ ସଭାସ୍ଥଳ ଛାଡ଼ିଥିଲେ। ଅଜୟ କୁମାର ମହାନ୍ତି ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେଲା ସରପଞ୍ଚ ରହିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ବାଖୁଡ଼ିପଦା ଗ୍ରାମବାସୀ ସମସ୍ତ ମୌଳିକ ସୁବିଧା ପାଇ ନ ଥିବା ଅଭିଯୋଗ କରିଛନ୍ତି।

## ବାଲେଶ୍ୱର

**ସାମୁଦ୍ରିକ ଝଡ଼ ଆଶଙ୍କା, କୂଳକୁ ଫେରୁଛି ଡଙ୍ଗା**

# ପର୍ଯ୍ୟଟକଙ୍କୁ ସମୁଦ୍ର ମନା



ଭୋଗରାଇ, ୨୩।୫(ପ୍ରଦୀପ ଦାସ)

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହେଉଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଗଭୀର ଅବପାତ ଅଧିକ ଶକ୍ତିଶାଳୀ ହୋଇ ବଳ ଗୋଟାଉଥିବା ବେଳେ ପୂର୍ଣ୍ଣିମା ତିଥିରେ ସମୁଦ୍ର ଗୁରୁବାରଠାରୁ ଅଶାନ୍ତ ହୋଇଛି। ଏଭଳି ସ୍ଥିତିରେ ସାମୁଦ୍ରିକ ଝଡ଼ ନାମିତ ରେମାଲ ଓଡିଶା ଉପରେ ପ୍ରଭାବ ପକାଇବ ନାହିଁ ବୋଲି ଆଇଏମ୍‌ଡି ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ କହିଥିବା ବେଳେ କେବଳ ବାଲେଶ୍ୱର ଓ ଭଦ୍ରକ ଜିଲାରେ ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇଛନ୍ତି ।

ଗୁରୁବାର ସୂର୍ଯ୍ୟ ଓ ମେଘର ଲୁଚକାଳି ଖେଳ ଲାଗି ରହିଥିବା ବେଳେ ବତାସର ବେଗ ବଢୁଛି। ଏହି ପବନ ସମୁଦ୍ରରେ ଅଧିକ ହେଉଥିବାର କୂଳକୁ ଡଙ୍ଗା ଫେରାଉ ଆଣୁଥିବା ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲାରେ ୟେଲୋ ୱାର୍ଣ୍ଣିଂ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଅନୁରୂପ ଭାବେ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟବିଭାଗ ପକ୍ଷରୁ ସତର୍କ କରାଯାଇଛି। ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା, ହସକରା, ବାହାବଳପୁର, କଷାଫଳ, ଚାନ୍ଦିପୁର ଓ ଗୋପାଳପୁର ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସମୁଦ୍ରକୁ ମାଛ ମାରିବାକୁ ବାରଣ କରାଯାଉଛି। ପୂର୍ଣ୍ଣିମା ତିଥି ଓ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରର ଉଚ୍ଚ ଢେଉ କୂଳ ଆଡକୁ ମାଡି ଆସି ସମୁଦ୍ର ସୁରକ୍ଷା ପଥରବନ୍ଧରେ କଚାଡି ହୋଇପଡୁଛି। ଉଦୟପୁର, ତାଳସାରୀ, ଡଗରା, ଚାନ୍ଦିପୁର ସହିତ ଦୀଘା, ଶଙ୍କରପୁର, ମନ୍ଦାରମଣି ପର୍ଯ୍ୟଟନସ୍ଥଳୀଗୁଡିକରେ ଓଡିଶା ଓ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ଯିବା ବାରଣ କରାଯାଇଛି। ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଉଭୟ ରାଜ୍ୟର ସହସ୍ରାଧିକ ଟ୍ରଲର ଓ ଡ଼ଙ୍ଗା କୂଳକୁ ଫେରୁଛି। ସମ୍ଭାବ୍ୟ ସାମୁଦ୍ରିକ ଝଡ଼କୁ ମୁକାବିଲା କରିବା ନିମନ୍ତେ ପ୍ରଶାସନ ପକ୍ଷରୁ କଡା ସତର୍କ ଓ ପଦକ୍ଷପ ନିଆଯାଉଛି।

**ସରିଲା ଲଗ୍ନଧରା, ଜୁନ୍ ୨୧ରେ ଜଉକଣ୍ଢେଇ ବାହାଘର**

# ସୁଲୋଚନାଙ୍କ ହାତ ଧରିବେ ଚନ୍ଦ୍ରମଣି

ବାଲେଶ୍ୱର,୨୩।୫(ମାନସ ବିଶ୍ୱାଳ)

ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ପାଇଁ ଚଳିତବର୍ଷ ଲଗ୍ନଧରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସାହିତ୍ୟ ପରିଷଦ ଓ କବି ବ୍ରଜନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟର ଆଜୀବନ ସଦସ୍ୟ ଗାଳ୍ପିକ କାଳିକିଙ୍କର ଦାସ ଓ ତାଙ୍କର ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗିନୀ ମିଶ୍ର ବର କର୍ତ୍ତ୍ରୀକର୍ତ୍ତା ହୋଇଥିବା ବେଳେ ମଙ୍ଗଳପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଓ ନିଷ୍ଠ ଗ୍ରୁପ୍‌ର ଚେୟାରମ୍ୟାନ ସୁଚିତ୍ରା ଜେନା କନ୍ୟା କର୍ତ୍ତୀକର୍ତ୍ତା ହୋଇଛନ୍ତି।

ଚଳିତବର୍ଷ ଓଡ଼ିଆ କଥା ସାହିତ୍ୟର ଜନକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡିସିନର ନାୟକ ଚନ୍ଦ୍ରମଣି ଓ ନାୟିକା ସୁଲୋଚନା ବରକନ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ବାଲେଶ୍ୱର ସହରର ସିଦ୍ଧି ବିନାୟକ ମନ୍ଦିରରୁ ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଜଉକଣ୍ଢେଇ ଉତ୍ସବ କମିଟି ସଦସ୍ୟାସଦସ୍ୟମାନେ ବିରାଟ ପଟୁଆରରେ ଚନ୍ଦ୍ରମଣି ଓ ସୁଲୋଚନାଙ୍କ ଲଗ୍ନଧରା ପାଇଁ କୁଳ ପୁରୋହିତ, ନାପିତ ଆଦିଙ୍କ ସହ ପ୍ରସିଦ୍ଧ ନଣ୍ଡା ଗୋସେଇଁ ମଠରେ ପହଞ୍ଚିଥିଲେ। ସେଠାରେ କନ୍ୟା ସୁଲୋଚନାଙ୍କ ପିତାମାତାଙ୍କ ସହ ତାଙ୍କର ବନ୍ଧୁବାନ୍ଧବ ବରଘରର ସମସ୍ତଙ୍କୁ ପାଛୋଟି ନେଇଥିଲେ। ବୈଦିକ ରୀତିରେ ଲଗ୍ନଧରା କର୍ମ ସମ୍ପନ୍ନ ହୋଇଥିଲା। କୁଳ ପୁରୋହିତ ବିମଳ ପଣ୍ଡା ଓ ରମାକାନ୍ତ ତ୍ରିପାଠୀ ବିଧି ମୁତାବକ ପୂଜାର୍ଚ୍ଚନା କରି ଜୁନ୍ ୨୧ତାରିଖକୁ ଶୁଭ ବାହାଘର ଲଗ୍ନ ସ୍ଥିର କରିଥିଲେ। ଏହି ସମାରୋହରେ ବାରିକ ସଂଘର ସଭାପତି ଅରବିନ୍ଦ ବାରିକ, ସମ୍ପାଦକ ବିମଳ ବାରିକ ଓ ହରେକୃଷ୍ଣ ବାରିକ ବିଧି ମୁତାବକ କାର୍ଯ୍ୟ କରିଥିଲେ। ଶିଳ୍ପୀ କେଶୁ ଦାସ, ସାମାଜିକ କର୍ମୀ ଡ. ଉପେନ୍ଦ୍ର ପାତ୍ର, ବ୍ରହ୍ମ ରଥ, ଡ. କୁମାର ଗୋପାଳ, ମନସ୍ୱିନୀ ଦେବୀ, ଅଞ୍ଜଳି ପଣ୍ଡା, ପ୍ରାଧ୍ୟାପକ ଡ. ଶିରିଶ ଚନ୍ଦ୍ର ଜେନା, ବିଶିଷ୍ଟ ଗବେଷକ ଡ. ଅରବିନ୍ଦ ଗିରି, ବ୍ୟୋମନାଥ ରଥ, ଇଂ. ହୃଷୀକେଶ ସାହୁ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ରାଜେଶ କୁମାର ଗିରି, ଗୋପାଳ ଜେନା, ପରେଶ ଦାଶ, ମନୋଜ ଦାସ, ବିପ୍ଳବ ମହାନ୍ତି, ସିନ୍ଧୁ ସେନ, ବିମଳ ଆଶ, ଶକୁନ୍ତଳା ବଳିଆରସିଂ, ଧରିତ୍ରୀ ମିଶ୍ର, ଡ. ପ୍ରଦୀପ ଭୌମିକ, ଚନ୍ଦ୍ରଶେଖର ଦାସ ମହାପାତ୍ର, ସିଦ୍ଧେଶ୍ୱର ବିନ୍ଧାଣି ଓ ମନୋଜ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଜଉକଣ୍ଢେଇ ବାହାଘର ଲାଗି ଲଗ୍ନଧରା ଚାଲିଛି।

# ନୀଳଗିରି, ଜଳେଶ୍ୱରରେ ପ୍ରଚାରକଲେ ଅଶ୍ୱିନୀ ବୈଷ୍ଣବ

ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ଜଳେଶ୍ୱର(ନବୀନ ସାହୁ), ୨୩।୫

ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଥିବା ବେଳେ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୀଳଗିରି ଓ ଜଳେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି।

ନୀଳଗିରି ସନ୍ତରାଗଡ଼ିଆଠାରେ ଆୟୋଜିତ ବିଶାଳ ଯୁବସମାବେଶରେ ଅଶ୍ୱିନୀ ଯୋଗଦେଇ ଉଭୟ ବାଲେଶ୍ୱର ଏମ୍‌ପି ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ପୂର୍ବାହ୍ନ ୧୧ଟାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ଭାଜପାର ବହୁ କର୍ମକର୍ତ୍ତା, ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଉଭୟ ନେତାଙ୍କୁ ସ୍ୱାଗତ କରି ମୋଟର ସାଇକେଲ ଶୋଭାଯାତ୍ରା ସନ୍ତରାଗଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଆୟୋଜିତ ସଭାରେ ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଖଟୁଆ ନିଜ ନିଜ ସପକ୍ଷରେ ଭୋଟ ଦେବା ଲାଗି ନିବେଦନ କରିଥିଲେ। ଉକ୍ତ ସମାବେଶରେ ଭାଜପାର କେନ୍ଦ୍ରୀୟ ସଂଯୋଜକ ଭୈରବ ଶର୍ମା, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ବଳରାମ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜଳେଶ୍ୱର ବ୍ଲକ ଶାଳୀକୋଠା ପଡ଼ିଆରେ ଅପରାହ୍ନ ୫ଟାରେ ଆୟୋଜିତ ମହିଳା ସମାବେଶରେ ରେଳମନ୍ତ୍ରୀ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ତପନ ବିଶ୍ୱାଳ। ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ନିଜ ନିଜ ପାଇଁ ଭୋଟଭିକ୍ଷା କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ କହିଥିଲେ। ଜଳେଶ୍ୱରରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ବିଷୟରେ ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ସହିତ ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି ବୋଲି ଉଭୟ ପ୍ରାର୍ଥୀ କହିଥିଲେ।



ଭାଜପାର ମହିଳା ସମାବେଶରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

# ଅସ୍ତିରେ ସୁବାସିନୀ, ଲେଖାଶ୍ରୀଙ୍କ ରୋଡ୍ ଶୋ

ବାଲିଆପାଳ, ୨୩।୫ (ଗୋପାଳ ଚନ୍ଦ୍ର ସାହୁ)

ନିର୍ବାଚନ ଦିନ ଯେତେ ପାଖେଇ ଆସୁଛି ପ୍ରାର୍ଥୀମାନେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଷ୍ଟାର ପ୍ରଚାରକଙ୍କ ଗହଣରେ ଗାଁ ଗାଁରେ ବୁଲି ପ୍ରଚାରକୁ ଜୋରଦାର କରୁଛନ୍ତି। ଗୁରୁବାର ବସ୍ତା ନିର୍ବାଚନମଣ୍ଡଳୀର ବାଲିଆପାଳ ବ୍ଲକ ଅଧୀନ ଅସ୍ତି ପଞ୍ଚାୟତରେ ବିଜେଡିର ବିଧାୟକ ପ୍ରାର୍ଥିନୀ ସୁବାସିନୀ ଏବଂ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ଟିଭି ଅଭିନେତ୍ରୀ ପୁନମ ମିଶ୍ର ଓ ଦୀପକଙ୍କ ସହିତ ରୋଡ଼ ଶୋ'ରେ ବାହାରି ପଞ୍ଚାୟତର ପ୍ରତି ଗାଁ ବୁଲି ବୁଲି ଭୋଟ୍‌ଭିକ୍ଷା କରିଥିଲେ। ରୋଡ୍ ଶୋ' ପାରୁଲିଆ ଶିବ ମନ୍ଦିର ପାଖରୁ ବାହାରି ସାନମାଇଁସାଡ଼ି, କଣ୍ଟାଡ଼ିହା, ଡାଲଲୁଆ(୧), ବଡ଼ମାଇଁସାଡ଼ି, ସୂର୍ଯ୍ୟାପୁର, କଣ୍ଟାବଣି, ପାରଦୀପା, ଡାଙ୍ଗରପଦା ଦେଇ, ବଡ଼ାପାଳ ଯାଏ ଯାଇଥିଲା। ଶେଷରେ ବଡ଼ାପାଳ ଗ୍ରାମରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଏମ୍‌ପି ପ୍ରାର୍ଥିନୀ ସାମନ୍ତସିଂହାର ଏବଂ ବିଧାୟକ ପ୍ରାର୍ଥିନୀ ଜେନା ଉଭୟ ଉପସ୍ଥିତ ଜନସାଧାରଣଙ୍କୁ ଭୋଟ ଦେଇ ଉଭୟଙ୍କୁ ଜୟଯୁକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ।

# ମହାବିଦ୍ୟାଳୟ ପରିସରରେ ବ୍ୟାପକ ଚାରାରୋପଣ ନିଷ୍ପତ୍ତି

ରୂପସା, ୨୩।୫(ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ଅନନ୍ତ କୁମାର ସାହୁ ଓ ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ସଂସଦ ତତ୍ତ୍ୱାବଧାନରେ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ବିଶ୍ୱ ପରିବେଶ ଦିବସ ଓ ବନ ମହୋତ୍ସବ ସପ୍ତାହ ପାଳନ ସହିତ ମହାବିଦ୍ୟାଳୟ ପରିସର ଓ ବିଭିନ୍ନ ସ୍ଥାନରେ ବ୍ୟାପକ ଚାରାରୋପଣ କରିବା ଦିଗରେ ନିଷ୍ପତ୍ତି ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ସମସ୍ତ ପୁରାତନ ଛାତ୍ରୀଛାତ୍ର ମହାବିଦ୍ୟାଳୟ ବିକାଶର କର୍ଣ୍ଣଧାର ବୋଲି ବକ୍ତବ୍ୟରେ କହିଥିଲେ। ୨୦୨୫ ମସିହାରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଦସ୍ୟ ରାକେଶ କୁମାର ପରିଡ଼ା ଓ ବିରାଟ ଦଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






# ସିମୁଳିଆରେ ବିଜେଡି-ଭାଜପା ଟକ୍କର

## ଭାଜପାରେ ମିଶିଲେ ୧୪ ବିଜେଡି ସମର୍ଥକ

**ଖଇରା,୨୩।୫(ଉତ୍କଳବନ୍ଧୁ ପଣ୍ଡା)**-ବାଲେଶ୍ୱର ଜିଲା ସିମୁଳିଆ ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ଖଇରା ବିଜେଡିର ବଡ ମିଶ୍ରଣ ପର୍ବ ଆୟୋଜନର ୫ଦିନ ପରେ ଭାଜପାର ଏକ ମିଶ୍ରଣ ପର୍ବ କୁପାରୀଠାରେ ଅନୁଷ୍ଠିତ ହୋଇଛି। ଏହି ଘଟଣାରୁ ଏଥର ସିମୁଳିଆରେ ଜବରଦସ୍ତ ମୁକାବିଲା ହେବ ବୋଲି ସ୍ପଷ୍ଟ ହୋଇଛି। କୁପାରୀଠାରେ ଆୟୋଜିତ ମିଶ୍ରଣ ପର୍ବରେ ମଣ୍ଡଳ ସଭାପତି ପତିତପାବନ କର ସଭାପତିତ୍ୱ କରିଥିଲେ। ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଯୋଗଦେଇ ବର୍ତ୍ତମାନ ଓଡିଆ ଅସ୍ମିତା ଓ ଓଡିଶାର ସ୍ୱାଭିମାନ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଯେଉଁଥିପାଇଁ ଏଥର ଓଡିଶା ଭୋଟର ଡବଲ ଇଞ୍ଜିନ ସରକାରଙ୍କୁ ଜିତାଇବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିବା କହିଛନ୍ତି। ଏହି ଅବସରରେ ବୁଧବାର ବିଜେଡିରୁ ଇସ୍ତଫା ଦେଇଥିବା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ପୂର୍ବତନ ଲୋକପ୍ରତିନିଧି ଓ ବିଜେଡି ନେତା ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ମିଶ୍ରଣକୁ ନେଇ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ ଓ ରମେଶ ଘଡେଇ ନିଜ ପ୍ରତିକ୍ରିୟାରେ ବିଧାୟକ ସେମାନଙ୍କୁ ଦଳ ଛାଡିବାକୁ କହି ନିଜେ ଯେଭଳି ୟୁଟର୍ଣ୍ଣ ମାରି ବିଜେଡିକୁ ପ୍ରତ୍ୟାବର୍ତ୍ତନ କଲେ ଏହା ତାଙ୍କୁ ବ୍ୟଥିତ କରିଛି । ମିଶ୍ରଣ ପର୍ବରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ ରାଜେଶ ମହାକୁଡ, ଯୁବନେତା ଅଂଶୁମାଧବ ପଣ୍ଡା ଓ ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବୁଥ୍‌କୁ ଗଲେ ପୋଲିଂ ଅଧିକାରୀ

**ଚମ୍ପୁଆ,୨୩।୫(ମହେଶ୍ୱର ଦାସ):** କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ ପାଟଣା ବିଧାନସଭା ୨୩ ଓ ଚମ୍ପୁଆ ବିଧାନସଭା କ୍ଷେତ୍ର ୨୫ ପାଇଁ ମେ ୨୫ରେ ମତଦାନ ହେବ। ଏ ନେଇ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ହୋଇଥିବା ନିର୍ବାଚନ ବିତରଣ କେନ୍ଦ୍ରରୁ ପାଟଣା ନିର୍ବାଚନମଣ୍ଡଳୀ ନିମନ୍ତେ ନିଯୁକ୍ତ ପୋଲିଂ ଅଧିକାରୀମାନେ ଆବଶ୍ୟକ ଉପକରଣ ତଥା ଇଭିଏମ୍, ଭିଭିପାଟ ଆଦି ସାଙ୍ଗରେ ନେଇ ବୁଥ୍ ଅଭିମୁଖେ ଯାଇଥିବା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର ତଥା ଏଡିଏମ୍ ଜଦୁମଣୀ ମାହାଲା ସୂଚନା ଦେଇଛନ୍ତି। ପାଟଣା କ୍ଷେତ୍ରର ୨୭୩ ଟି ମତଦାନ କେନ୍ଦ୍ର ପାଇଁ ୧୬୩୫ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତ ହୋଇଛନ୍ତି।




